କାବ୍ୟକୃତି - ପୁନଶ୍ଚ

ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ

ଯୁଦ୍ଧଂ ଦେହି ଶଙ୍ଖ-

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ

ଦୁଃଶାର କଳଙ୍କ ।

ପଶା କାଠି କଥା କହ ।

ପ୍ରବଞ୍ଚନା କଥା କହ ।

ବିବସନ କଥା କହ ।

ନିର୍ବାସନ କଥା କହ ।

ଜତୁଗୃହ କଥା କହ ।

ଇନ୍ଦ୍ରପ୍ରସ୍ଥ କଥା କହ ।

ଏକଛତ୍ର କଥା କହ ।

ମୁଖ ବନ୍ଦ କଥା କହ ।

ଛାପା ବନ୍ଦ କଥା କହ ।

ସଭେଁ ଅନ୍ଧ କଥା କହ ।

ବନ୍ଦୀଶାଳ କଥା କହ ।

ଶୃଙ୍ଖଳିତ କଥା କହ ।

ଆତଙ୍କିତ କଥା କହ ।

www.jataayu.org

ଇସ୍ତାହାର ଜନତାର

କବି ରଘୁନାଥ ଦାସ

ହେ ଭୟାର୍ତ୍ତ କଥା କହ ।

ପାଞ୍ଚଜନ୍ୟ କଥା କହ ।

ମୁକ୍ତକେଶୀ କଥା କହ ।

କଥା କହ କଥା କହ ।

ମୌନ୍ ମୁନି କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଡି.ଆଇ.ଆର୍ କଥା କହ ।

ମିଶା-ଆଇନ୍ କଥା କହ ।

କାରାଗାର କଥା କହ ।

ରେ ନାଚାର କଥା କହ ।

କଥା କହ । କଥା କହ ।

ଅନାଚାର କଥା କହ ।

ଦୁରଚାର କଥା କହ ।

ମିଥ୍ୟାଚାର କଥା କହ ।

ସମାଚାର କଥା କହ ।

ଅତ୍ୟାଚାର କଥା କହ ।

www.jatayu.org

କାବ୍ୟକୃତି - ପୁନଶ୍ଚ

ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଅବିଚାର କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ମାନବିକ ଅଧିକାର କଥା କହ ।

ମୌଳିକ ତୋ ଅଧିକାର କଥା କହ ।

ଷଡଯନ୍ତ୍ର କଥା କହ ।

ଗଣତନ୍ତ୍ର କଥା କହ ।

ଜଣତନ୍ତ୍ର କଥା କହ ।

କଥା କହ କଥା କହ ।

ମୌନ ମୁନି କଥା କହ ।

କଥା କହ । କଥା କହ ।

କଟା ଜିଭ କଥା କହ ।

ଲାଠିମାଡ କଥା କହ ।

ହୁକୁମବାଜି କଥା କହ ।

ଆତଙ୍କ ରାଜ କଥା କହ ।

ପୋଲିସରାଜ କଥା କହ ।

www.jataayu.org

ଇସ୍ତାହାର ଜନତାର

କବି ରଘୁନାଥ ଦାସ

କଳାଆଇନ କଥା କହ ।

ସମ୍ବିଧାନ କଥା କହ ।

ସଂଶୋଧନ କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଜୟହିନ୍ଦ୍ କଥା କହ ।

ରାମରାଜ୍ୟ କଥା କହ ।

ଘିଅମହୁ କଥା କହ ।

ଗରିବୀ ହଟାଓ କଥା କହ ।

ଅତିଭକ୍ତି କଥା କହ ।

ଯୁବଶକ୍ତି କଥା କହ ।

ରାଜନୀତି କଥା କହ ।

ଅର୍ଥନୀତି କଥା କହ ।

ନ୍ୟାୟନୀତି କଥା କହ ।

ଭଣ୍ଡନୀତି କଥା କହ ।

www.jataayu.org

କାବ୍ୟକୃତି - ପୁନଶ୍ଚ

ଇସ୍ତାହାର ଜନତାର

କବି ରଘୁନାଥ ଦାସ

କଥା କହ କଥା କହ ।

ଚକ୍ରଧାରୀ ଅଗ୍ରଭାଗେ କଥା କହ ।

ଚଢ଼ାଦର କଥା କହ ।

ଜୁଆଚୋରି କଥା କହ ।

ଚାଲବାଜି କଥା କହ ।

ଗୁପ୍‌ଚୁପ୍ କାରବାର କଥା କହ ।

ଦରମାଲା କଥା କହ ।

କ୍ଷୁଧାତୁର କଥା କହ ।

ରେ ବେକାର । କଥା କହ ।

ନିର୍ବାଚନ କଥା କହ ।

ମୁକ୍ତିକେଶୀ କଥା କହ ।

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

ଚକ୍ରଧାରୀ ଚିତ୍ତଗତେ,

ଚାଲ ତୁ ପାର୍ଥ:ମୁକ୍ତିରଥେ

www.jataayu.org

ଇସ୍ତାହାର ଜନତାର

କବି ରଘୁନାଥ ଦାସ

ଶଙ୍କା ଯେତେ ମନରୁ ପୋଛ,

ସତ୍ୟ ଲାଗି ଦିଅରେ ଭୋଟ

ବଞ୍ଚିବାକୁ ଦିଅରେ ଭୋଟ ॥

ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ବାଜେ ବାଜେ ଯୁଦ୍ଧଂ ଦେହି ଶଙ୍ଖ

ପାଞ୍ଚାଳିର ବେନି ନେତ୍ରେ ଜଳିଉଠେ ଦୁଃଶାର କଳଙ୍କ ।

(ଚନ୍ଦନ ପଡିଆରେ କଟକ ଓକିଲ ସଂଘ ତରଫରୁ ହୋଇଥିବା ୧୯୭୭ ମସିହା ନିର୍ବାଚନ ପଠିତ)

www.jataayu.org